# NATIONAL NEWS BULLETIN (ODIA)
## 11 July - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟ୍ରିଆ ଗସ୍ତ ଐତିହାସିକ ଓ ଅତ୍ୟନ୍ତ ଫଳପ୍ରଦ ହୋଇଥିବା କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ଆଗାମୀ ବଜେଟ୍ ପୂର୍ବରୁ ଆଜି ପ୍ରସିଦ୍ଧ ଅର୍ଥନୀତିଜ୍ଞମାନଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ବିମ୍‌ଷ୍ଟେକ୍ ବିଦେଶ ମନ୍ତ୍ରୀମାନଙ୍କ ସମ୍ମିଳନୀ ।
- ଅମରନାଥ ଗୁମ୍ଫା ଦର୍ଶନ ନିମନ୍ତେ ଯାତ୍ରା ଆରମ୍ଭ କଲେ ୪ହଜାର ୮୮୫ ଜଣ ତୀର୍ଥଯାତ୍ରୀ ।

ଏବଂ

- ହରାରେ ଠାରେ ଅନୁଷ୍ଠିତ ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଜିମ୍ବାୱେକୁ ୨୩ରନ୍‌ରେ ପରାସ୍ତ କଲା ଭାରତ ।

# ପିଏମ୍‌-ଅଷ୍ଟ୍ରିଆ ଭିଜିଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଷ୍ଟ୍ରିଆ ଗସ୍ତକୁ ଐତିହାସିକ ଏବଂ ଅତ୍ୟନ୍ତ ଫଳପ୍ରଦ ହୋଇଥିବା କହିଛନ୍ତି । ସେ କହିଛନ୍ତି, ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କକୁ ଆହୁରି ସୁଦୃଢ଼ କରିଛି । ଅଷ୍ଟ୍ରିଆ ଯାତ୍ରା ଶେଷ କରି ଶ୍ରୀ ମୋଦି କହିଛନ୍ତି, ଭିଏନାରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ସନ୍ତୋଷଜନକ ଥିଲା ଏବଂ ଅଷ୍ଟ୍ରିଆ ଲୋକଙ୍କ ଆତିଥ୍ୟ ଓ ଭଲ ପାଇବା ନେଇ ସେ ଚାନ୍‌ସେଲର୍‌ କାର୍ଲ୍‌ ନେହେମର୍‌ ଏବଂ ତାଙ୍କ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଅଷ୍ଟ୍ରିଆ ଚାନ୍‌ସେଲର୍‌ ନେହେମର୍‌ଙ୍କ ସହ ପାରସ୍ପରିକ ସହ ଆଲୋଚନା ପରେ ଶ୍ରୀ ମୋଦି କହିଛନ୍ତି, ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କ ସୁଦୃଢ଼ କରିବା ଲାଗି ଅନେକଗୁଡ଼ିଏ ସମ୍ଭାବନା ଦେଖାଦେଇଛି । ଉଭୟ ଦେଶ ଦ୍ୱିପାକ୍ଷିକ ବୁଝାମଣା ଦିଗରେ ଆଗକୁ ବଢ଼ିବା ପାଇଁ ନୀତି ନିର୍ଣ୍ଣୟ କରିସାରିଛନ୍ତି । ଏକ ମିଳିତ ବାର୍ତ୍ତାରେ ଉଭୟ ନେତା ବର୍ତ୍ତମାନର ବିଶ୍ୱ ପରିସ୍ଥିତି ନେଇ ଆଲୋଚନା କରିଥିବା କହିଛନ୍ତି । ଉଭୟ ଦେଶ ମଧ୍ୟରେ ଥିବା ଗଣତନ୍ତ୍ର ଏବଂ ଆଇନ୍‌ର ଶାସନ ଭଳି ମୂଲ୍ୟବୋଧ ସମ୍ପର୍କର ମଜବୁତ ଭିତ୍ତିଭୂମି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ସେ କହିଛନ୍ତି, ଭାରତ ଏବଂ ଅଷ୍ଟ୍ରିଆ ଅର୍ଥନୈତିକ ସହଯୋଗ ଓ ନିବେଶ ସମେତ ଭିତ୍ତିଭୂମି ବିକାଶ, ଉଦ୍ଭାବନ, ଅକ୍ଷୟଶକ୍ତି, ଜଳ ଓ ବର୍ଜ୍ୟବସ୍ତୁ ପରିଚାଳନା, କୃତ୍ରିମ ବୁଦ୍ଧିମତା ଏବଂ କ୍ୱାଣ୍ଟମ୍‌ ଆଦି କ୍ଷେତ୍ରରେ ପରସ୍ପରର ସାମର୍ଥ୍ୟକୁ

ବ୍ୟବହାର କରିବା ପାଇଁ କାର୍ଯ୍ୟ କରିବେ । ଉଭୟ ଦେଶର ଯୁବଶକ୍ତି ଓ ଚିନ୍ତାଧାରାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଷ୍ଟାର୍ଟଅପ୍‌କୁ ମାଧ୍ୟମ ଭାବେ ବ୍ୟବହାର କରାଯିବ ।

ଅଷ୍ଟ୍ରିଆରେ ଉଭୟ ଦେଶର ବ୍ୟବସାୟୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ବେଳେ ଅଷ୍ଟ୍ରିଆର ବ୍ୟବସାୟୀ ଅଂଶିଦାରମାନେ ଏହା ଉପରେ ଦୃଷ୍ଟି ଦେବା ଉଚିତ୍ । ଶ୍ରୀ ମୋଦି ବିଶ୍ୱର ପ୍ରମୁଖ ଉଦ୍ୟୋଗ ଗୁଡ଼ିକୁ ଭାରତ ପ୍ରତି ଆକୃଷ୍ଟ କରିବା ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଷ୍ଟ୍ରିଆର ପ୍ରମୁଖ କମ୍ପାନି ଗୁଡ଼ିକୁ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦାନ ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସେମିକଣ୍ଡକ୍ଟର, ମେଡିକାଲ୍ ଯନ୍ତ୍ରପାତି, ସୌରସେଲ୍ ଆଦି କ୍ଷେତ୍ରରେ ଭାରତ ପ୍ରୋତ୍ସାହନ ଯୋଗାଇ ଦେଉଛି ।

ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ମୋଦି ଅଷ୍ଟ୍ରିଆ ଠାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ବିଜେତା ଆଣ୍ଟନ୍ ଜେଲିଙ୍ଗରଙ୍କ ସହ ସାକ୍ଷାତ କରିଥିଲେ । ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀଶ୍ରୀ ଜେଲିଙ୍ଗରଙ୍କୁ ଭାରତର ରାଷ୍ଟ୍ରୀୟ କ୍ୱାଣ୍ଟମ୍ ଅଭିଯାନ ବିଷୟରେ କହିଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ଅନ୍ୟ କେତେଜଣ ଭାରତୀୟଙ୍କ ସହ ସାକ୍ଷାତ ଆଲୋଚନା କରିଥିବା ଜଣାପଡ଼ିଛି । ସେଠାରେ ଭାରତୀୟ ସମୁଦାୟଙ୍କୁ ଉଦ୍‌ବୋଧନ

ଦେଇ ଶ୍ରୀ ମୋଦି କହିଥିଲେ, ଏବେ ବିଶ୍ୱ ଭାରତକୁ ଅତ୍ୟନ୍ତ ବିଶ୍ୱାସର ସହ ବିବେଚନା କରୁଛି ଏବଂ ଭାରତ ଠାରୁ ବହୁତ କିଛି ଶିଖିବାକୁ ଚାହୁଁଛି ।

# ପିଏମ୍-ବଜେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ପ୍ରସିଦ୍ଧ ଅର୍ଥନୀତିଜ୍ଞମାନଙ୍କ ସହ ଆଲୋଚନା କରିବେ । ଆଗାମୀ ବଜେଟ୍ ସଂପର୍କରେ ଶ୍ରୀ ମୋଦି ସମ୍ପୃକ୍ତ ଅର୍ଥନୀତିଜ୍ଞମାନଙ୍କ ପ୍ରସ୍ତାବ ଓ ପରାମର୍ଶ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡୁଛି । ଅର୍ଥନୀତିଜ୍ଞଙ୍କ ବ୍ୟତୀତ ଏହି ଆଲୋଚନାରେ ଅନ୍ୟାନ୍ୟ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ନୀତିଆୟୋଗ ଉପାଧ୍ୟକ୍ଷ ସୁମନ ବେରି ଏବଂ ଅନ୍ୟ ସଦସ୍ୟମାନେ ମଧ୍ୟ ଏହି ଆଲୋଚନାକାଳରେ ଉପସ୍ଥିତ ରହିବେ ।

ସଂସଦର ବଜେଟ୍ ଅଧିବେଶନ ଚଳିତ ମାସ ୨୨ରେ ଆରମ୍ଭ ହୋଇଥିବା ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୩ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଲୋକସଭାରେ ଉପସ୍ଥାପନ କରିବେ । ନରେନ୍ଦ୍ର ମୋଦିଙ୍କ ତୃତୀୟପାଳି ସରକାରର ଏହା ପ୍ରଥମ ବଜେଟ୍ ହେବ । ଗତ ମାସରେ ଅନୁଷ୍ଠିତ ସଂସଦର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଆଗାମୀ ବଜେଟ୍ ଭବିଷ୍ୟତ ଲକ୍ଷ୍ୟ ପୂରଣ

ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏଥିରେ ପ୍ରମୁଖ ଆର୍ଥିକ ଏବଂ ସାମାଜିକ ସୁଧାର ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସୂଚନା ଯୋଗ୍ୟ ଲୋକସଭା ନିର୍ବାଚନ ଯୋଗୁଁ ଗତ ଫେବୃୟାରୀ ମାସରେ କେନ୍ଦ୍ର ସରକାର ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଆଗତ କରିଥିଲେ ।

## ବିମ୍‌ଷ୍ଟେକ୍

ବିମ୍‌ଷ୍ଟେକ୍ ସଦସ୍ୟ ଦେଶମାନଙ୍କର ବୈଦେଶିକ ମନ୍ତ୍ରୀମାନଙ୍କ ଦ୍ୱିତୀୟ ସମ୍ମିଳନୀ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଡକ୍ଟର ଏସ୍. ଜୟଶଙ୍କର ଏଥିରେ ଅଧ୍ୟକ୍ଷତା କରିବେ । ସମ୍ମିଳନୀରେ ବିମ୍‌ଷ୍ଟେକ୍ ସମୂହ ଦେଶମାନଙ୍କ ମଧ୍ୟରେ ସୁରକ୍ଷା, ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ସହଯୋଗ ପ୍ରସଙ୍ଗରେ ଆଲୋଚନା ହେବ । ବିମ୍‌ଷ୍ଟେକ୍ ବୈଦେଶିକ ମନ୍ତ୍ରୀମାନଙ୍କ ପ୍ରଥମ ସମ୍ମିଳନୀ ଗତ ବର୍ଷ ଜୁଲାଇରେ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆୟୋଜିତ ହୋଇଥିଲା ।

# ୟୁପି-ଫ୍ଲଡ୍

ଉତ୍ତରପ୍ରଦେଶରେ ବର୍ଷା ଜନିତ ଅଘଟଣରେ ଗତ ୨୪ ଘଣ୍ଟା ମଧ୍ୟରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି । ପ୍ରତାପଗଡ଼ରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୁଲତାନପୁରରେ ୬ ଜଣଙ୍କ ମୃତ୍ୟୁ ଘଟିଛି । ଚନ୍ଦୋଲି ଜିଲ୍ଲାରେ ବଜ୍ରପାତରେ ୫ ଜଣଙ୍କ ଜୀବନ ଯାଇଛି । ୧୨ଟି ଜିଲ୍ଲା ଅନ୍ତର୍ଗତ ୬୩୩ଟି ଗ୍ରାମର ଲୋକମାନେ ବନ୍ୟା ବିପ୍ଳାତ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ବିଶେଷ କରି ଲକ୍ଷ୍ମୀପୁର ଖିରି, ସୀତାପୁର, ପିଲଭିତ୍ ଶ୍ରାବସ୍ତି, ବଲରାମପୁର, ବସ୍ତି, ବାରବାଙ୍କୀ, ଗୋଣ୍ଡା, ବଲିଆ, ସିଦ୍ଧାର୍ଥନଗର, ସାହାଜାନ୍‌ପୁର ଓ ଖୁସି ନଗର ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି । ହଜାର ହଜାର ଏକ ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ପ୍ରାୟ ୮ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । କେତେକ ସ୍ଥାନରେ ରେଳ ଲାଇନ୍ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ଉଦ୍ଧାର ଏବଂ ରିଲିଫ୍ ଦଳ ପକ୍ଷରୁ ୧୦ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଆଜି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶ୍ରାବସ୍ତି ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

# ଇଣ୍ଡିଆ-ଆମ୍ବାସି ୟୁଏଇ

ଆବୁଧାବି ସ୍ଥିତ ଭାରତୀୟ ଦୂତାବାସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସେଠାରେ କାର୍ଯ୍ୟ କରୁଥିବା ଜଣେ ଭାରତୀୟ ନାଗରୀକଙ୍କୁ ସୁରକ୍ଷିତ ଭାବେ ଭାରତ ଅଣାଯାଇ ପାରିଛି । ସେଠାରେ କାର୍ଯ୍ୟ କରୁଥିବା ଶିବମନ ବାବୁ ହୃଦ୍‌ଘାତର ଶିକାର ହେବା ପରେ ଭାରତୀୟ ଦୂତାବାସ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି । ଚଳିତ ବର୍ଷ ପ୍ରଥମ ଭାଗରେ ଶିବମନା ୟୁ.ଏ.ଇ. ଯିବା ପରେ ସେଠାରେ ଏକ ରେଷ୍ଟୋରାଁରେ ୱେଟର ଭାବେ କାର୍ଯ୍ୟ କରୁଥିଲେ । ଗତ ଏପ୍ରିଲ୍ ମାସ ୨୨ ତାରିଖରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ । ପରେ ତାଙ୍କୁ ଆବୁଧାବିର ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲ ପକ୍ଷରୁ ଭାରତୀୟ ଦୂତାବାସକୁ ଏହି ବିଷୟରେ ଅବଗତ କରାଯିବା ପରେ ଦୂତାବାସ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ହସ୍ପିଟାଲ୍‌ରେ ଦୂତାବାସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବା ସହ ଶିବମନଙ୍କ ଭାରତ ଫେରିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଦୂତାବାସ ପକ୍ଷରୁ ତାଙ୍କ ନିୟୋଜନକର୍ତ୍ତାଙ୍କଠାରୁ ଭିଷା କାଗଜପତ୍ର ସଂଗ୍ରହ କରାଯିବା ପରେ ଭାରତ ଆଣିବା ଲାଗି ଟିକେଟ୍ କରାଯାଇଥିଲା । ଶିବମନ ଓ ତାଙ୍କ ପତ୍ନୀ ଅପର୍ଣ୍ଣା ଆଜି ୨ଟା ୪୫ ମିନିଟ୍‌ରେ କେରଳରେ ପହଞ୍ଚିବେ । ଏ ନେଇ ଆବୁଧାବି ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ସେଠାରେ ରହୁଥିବା ଭାରତୀୟମାନଙ୍କ ଆବଶ୍ୟକତା ସମୟରେ ଦୂତାବାସ ସମସ୍ତ ସାହାଯ୍ୟ

ସହଯୋଗ ଯୋଗାଇ ଦେବା ପାଇଁ ପ୍ରସ୍ତୁତ ରହିଛି । ଏହି ଘଟଣାକୁ ନେଇ ଶିବମନ ଏବଂ ତାଙ୍କ ପତ୍ନୀ ଭାରତୀୟ ଦୂତାବାସକୁ କୃତଜ୍ଞତା ଜଣାଇଛନ୍ତି । ଦୂତାବାସର ତ୍ୱରିତ ହସ୍ତକ୍ଷେପ ଯୋଗୁଁ ସଂକଟରେ ଥିବା ଏକ ପରିବାର ସୁରକ୍ଷିତ ସ୍ୱଦେଶ ଆସୁଥିବା କୁହାଯାଇଛି ।

## ଅମରନାଥ ଯାତ୍ରା

ଅମରନାଥ ଗୁମ୍ଫା ଦର୍ଶନ ନିମନ୍ତେ ଆଜି ଜାମ୍ମୁର ଭଗବତୀ ନଗର ଯାତ୍ରୀ ନିର୍ବାସ କ୍ୟାମ୍ପ୍‌ରୁ ୪ହଜାର ୮୮୫ ଜଣ ତୀର୍ଥଯାତ୍ରୀ କାଶ୍ମୀର ଘାଟିକୁ ଯାତ୍ରା ଆରମ୍ଭ କରିଛନ୍ତି । ୧୯୧ଟି ଗାଡ଼ିରେ ସେମାନଙ୍କୁ ମୂଳ ଶିବିରରୁ ନିଆଯାଉଛି । ଏହି ବ୍ୟାଚ୍‌ରେ ୩ହଜାର ୬୨୨ ଜଣ ପୁରୁଷ, ୧ହଜାର ୮୬ ଜଣ ମହିଳା, ୧୪ ଜଣ ପିଲା, ୧୧୧ଜଣ ସାଧୁ ଓ ୫୨ ସାଧ୍ୱୀ ଅଛନ୍ତି । ସକାଳ ୩ଟାରେ ୧ହଜାର ୮୯୪ ଜଣ ବୈତାଲ ଯାତ୍ରା ଆରମ୍ଭ କରିଥିବା ବେଳେ ୨ହଜାର ୯୯୧ ଜଣ ପହଲଗାଓଁ ମୂଳ କ୍ୟାମ୍ପ୍‌କୁ ଯାତ୍ରା ଆରମ୍ଭ କରିଛନ୍ତି ।

# କ୍ରିକେଟ୍

କ୍ରିକେଟ୍‌ରେ ଭାରତୀୟ ପୁରୁଷ ଟିମ୍ ଜିମ୍ବାୱେକୁ ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ୨୩ ରନ୍‌ରେ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଶୃଙ୍ଖଳାରେ ୨-୧ରେ ଆଗରେ ରହିଛି । ହରାରେ ଠାରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୦ଓଭରରେ ୪ ୱିକେଟ୍ ବିନିମୟରେ ୧୮୨ରନ୍ ସ୍କୋର କରିଥିଲା । ଶୁଭମନ ଗିଲ୍ ୪୯ଟି ବଲ୍‌ରେ ୬୬ରନ୍ ସ୍କୋର କରିଥିଲେ । ଜବାବରେ ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୫୯ରନ୍ କରିବାକୁ ସକ୍ଷମ ହୋଇଥିଲା । ୱାଂଶିଟନ୍ ସୁନ୍ଦର ତିନୋଟି ୱିକେଟ୍ ଏବଂ ଆବେସ୍ ଖାନ୍ ୨ଟି ୱିକେଟ୍ ଅକ୍ତିଆର କରିଥିଲେ ।